# ବେପାରୀ ଓ ଗ୍ରାହକ ମାନଙ୍କ ପାଇଁ ଦୋକାନ କୁ ସୁରକ୍ଷିତ ରଖିବା

Indian Scientists' Response to COVID-19

**by Indian Scientists Response to Covid**
https://indscicov.in/

IndiSciCovid




**କୋଭିଡ-୧୯ ର ମୁକାବିଲା ପାଇଁ ସଉଦା ଦୋକାନ , ଔଷଧ ଦୋକାନ, ପରିବା ଦୋକାନ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଉଥିବା ଦୋକାନ ମାନଙ୍କୁ ଖୋଲା ରଖିବା ପାଇଁ ସରକାରଙ୍କର ଅନୁମତି ରହିଛି | ଯେହେତୁ ଏହି ସବୁ ଜାଗା ଗୁଡିକକୁ ଲୋକ ମାନଙ୍କର  ଯାତାୟାତ ଲାଗି ରହିଥାଏ, ତେଣୁ ଏଠାରେ ଭୂତାଣୁ ସଂକ୍ରମଣର ସମ୍ଭାବନା ବେଶି ଥାଏ | ଜଣେ ଦୋକାନୀ (ବେପାରୀ ) ହିସାବରେ, ନିୟମିତ ହାତ ଧୋଇବା, ସାମାଜିକ ବା ଭୌତିକ ଦୂରତା ବଜାୟ ରଖିବା ଏବଂ ଚଟାଣ ସଫା ରଖିବା ସହିତ କିଛି ବିଶେଷ କର୍ତ୍ତବ୍ୟ ମଧ କରିବାକୁ ପଡି ଥାଏ | ଯାହାକି ତୁମକୁ, ତୁମ ପରିବାର ଓ ବନ୍ଧୁ ମାନଙ୍କୁ ସୁସ୍ଥ ଓ ସୁରକ୍ଷୀତ ରଖି ପାରିବ |**

## ବେପାରୀ ମାନଙ୍କ ପାଇଁ ନିର୍ଦ୍ଧାରିତ ସୂଚନାବଳୀ (ଜାରି ନିୟମାବଳୀ):



କୋଭିଡ-୧୯ ମହାମାରୀ ସମୟରେ ସମସ୍ତଙ୍କୁ  ନିୟମିତ ହାତ ଧୋଇବା ଓ ମୁହଁକୁ ନ ଛୁଇବା ପାଇଁ ନିର୍ଦେଶ ଦିଆ ଯାଉଛି | ଦୋକାନରେ କାମ କରୁଥିବା ସବୁ ଶ୍ରମିକ ଏହାକୁ ଠିକ ଠିକ ମାନିବା ଦରକାର | ମାସ୍କ ପିନ୍ଧି ଗ୍ରାହକଙ୍କ ସହ କଥା ହୁଅନ୍ତୁ  | ବେଶି ସୁରକ୍ଷା ପାଇଁ ହାତ ଓ ମୁହଁକୁ କପଡା ରେ ପୁରା ଆବଦ୍ଧ କରନ୍ତୁ  | ଯଦି ଆପଣ ସଉଦା କୁ ଖୋଲା ଓ ଖୁଚୁରା ବିକ୍ରି କରୁଥାନ୍ତି ତେବେ ଏକ ବଡ ଚଟୁ ବା ଡଙ୍କି ସାହାଯ୍ୟ ରେ ଦୂରତା ରଖି ଦିଅନ୍ତୁ | ଯାହାଦ୍ୱାରା ଆପଣଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା ହୋଇ ପାରିବ |



## ଅସୁସ୍ଥ ଥିଲେ କଣ କରିବେ:

ଯଦି ଆପଣ ବା ଆପଣଙ୍କ ଶ୍ରମିକ ଠାରେ ଛିଙ୍କ, ଜର ପରି କୋଭିଡ-୧୯ ର କୌଣସି ଲକ୍ଷଣ ଦେଖାଯାଏ, ତେବେ କାମକୁ ନ ଆସି ଘରେ ରୁହନ୍ତୁ | ଏହାଦ୍ୱାରା ଆପଣ ସୁରକ୍ଷିତ ରହିବା(ଶୀଘ୍ର ସୁସ୍ଥ ହୋଇ ପାରିବେ) ସହ ଅନ୍ୟକୁ ମଧ ଭୂତାଣୁ ସଂକ୍ରମଣ ରୁ ବଞ୍ଚାଇ ପାରିବେ |

## ବ୍ୟକ୍ତିଗତ ଓ ଘରୋଇ ସ୍ୱାସ୍ଥ୍ୟ:



ବ୍ୟକ୍ତିଗତ ଓ ଘରୋଇ ସ୍ୱାସ୍ଥ୍ୟ:ଘରେ ପହଞ୍ଚିବା ମାତ୍ରେ ଭଲଭାବେ ସାବୁନ ରେ ଗାଧାନ୍ତୁ, ଏହାଦ୍ୱାରା ତୁମ ଠାରେ କୌଣସି ଭୂତାଣୁ ଆସିଥିଲେ ପରିବାରର କାହାକୁ ବ୍ୟାପି ପାରିବ ନାହିଁ | ପିନ୍ଧିଥିବା ଲୁଗାକୁ ସ୍ୱତନ୍ତ୍ର ଏକ ବାଲଟି ରେ ରଖନ୍ତୁ ଏବଂ ଯଥାଶୀଘ୍ର ସାବୁନ ପାଣି ରେ ସଫା କରନ୍ତୁ |

## ବିକ୍ରି ସାମଗ୍ରୀ ଆମଦାନୀ କରିବା:



ଜନଗହଳି ପୂର୍ଣ୍ଣ ଜାଗାରେ ସମସ୍ତେ ସାମାଜିକ ଦୂରତା ବଜାୟ ରଖିବା ଉଚିତ | ପାଇକାରୀ (ବଡ) ବଜାର ରୁ ଦୋକାନୀ ମାନେ ଧାଡି ରେ ଯାଇ ଜିନିଷ କିଣିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଥିବା ଦରକାର | ବାହାରକୁ ଗଲେ ମାସ୍କ ପିନ୍ଧନ୍ତୁ ଓ ଘରକୁ ଆସିବା ମାତ୍ରେ ସାବୁନ ରେ ହାତ ଧୁଅନ୍ତୁ | ଯଦି ସମ୍ଭବ, ଅନଲାଇନ ଯୋଗେ ନେଣଦେଣ କରନ୍ତୁ |



ଯଦି ସାମଗ୍ରୀ ଗ୍ରହଣ କରୁଥାନ୍ତି, ତେବେ ଦୋକାନ ବାହାରେ ଗ୍ରହଣ କରନ୍ତୁ | ପ୍ରଥମେ ପେଟି ବା ବାକ୍ସ ଗୁଡିକୁ ଦୋକାନ ବାହାରେ ଭଲସେ ସାବୁନ ପାଣିରେ ପୋଛନ୍ତୁ (ବିଶେଷତଃ ପେଟି ର ମୁହଁକୁ) ଓ ପରେ ପେଟିରେ ଥିବା ସାମଗ୍ରୀ ଖୋଲି ଭିତରକୁ ଆଣନ୍ତୁ |

## ଗୋଦାମ ଘରେ ଜିନିଷ ରଖିବା:

ଚାଉଳ, ଡାଲି ପରି ଖୋଲା ରେ ବିକ୍ରି କରୁଥିବା ଜିନିଷ ସବୁ କୁ ଆବଦ୍ଧ ପାତ୍ର ରେ ରଖନ୍ତୁ | କାମ ସରିବା ପରେ ଉକ୍ତ ପାତ୍ର ଗୁଡିକୁ ସାବୁନ ପାଣିରେ ପୋଛନ୍ତୁ | ପକେଟ ରେ ଥିବା ଜିନିଷ ସବୁ କୁ ଥାକ ରେ ରଖନ୍ତୁ | ଫଳ ପନିପରିବା ସବୁ ଅଳ୍ପ ସମୟ ପାଇଁ ଥାକରେ ରଖି ଖୋଲାରେ ବିକ୍ରି କରି ପାରିବେ | ଏଠାରେ ସୂଚନା ଯୋଗ୍ୟ ଯେ ଲୋକମାନେ ଏହାକୁ ଘରେ ରଖିବା ପୂର୍ବରୁ ଭଲସେ ଧୋଇ ରଖନ୍ତୁ | ଭୂତାଣୁ ସଂକ୍ରମଣକୁ ନିୟନ୍ତ୍ରଣ କରିବାପାଇଁ ଗ୍ରାହକ ମାନଙ୍କୁ କେବଳ ଆବଶ୍ୟକ ଦ୍ରବ୍ୟ ଛଡା ଆଉ କିଛି ଛୁଇଁବାକୁ ମନା କରନ୍ତୁ |

## ସାମଗ୍ରୀ ବିକ୍ରି କରିବା:

ବାହାରକୁ ଗଲେ ସମସ୍ତେ ଏକ ପୁନଃ ବ୍ୟବହାର କ୍ଷମ ବହୁ-ପରସ୍ତ ର ମୋଟା ମାସ୍କ ବା ଆବରଣ ପିନ୍ଧନ୍ତୁ | ଦୋକାନୀ ମାନଙ୍କୁ ଅନୁରୋଧ କି ସେମାନେ ବିନମ୍ରତା ର ସହ ଗ୍ରାହକ ମାନଙ୍କୁ ମାସ୍କ ପିନ୍ଧି ଆସିବାକୁ କୁହନ୍ତୁ | ଲୋକମାନଙ୍କୁ ମାସ୍କ ପିନ୍ଧିବା ର ଆବଶ୍ୟକତା ଓ ଗୁରୁତ୍ୱ (ଉପକାରିତା) ସୂଚାଇବା ପାଇଁ ଆମ ୱେବସାଇଟ ରୁ ସୂଚନା ଫଳକ ମାନ (ପୋଷ୍ଟର) ଛପେଇ ଦୋକାନ ବାହାରେ ଲଗାନ୍ତୁ |

## ଦୋକାନ ର ଆକାର ଅନୁଯାୟୀ, ଉପଯୁକ୍ତ ପଦକ୍ଷେପ ନିଅନ୍ତୁ :



**ବିକଳ୍ପ ୧: ଖୁଚୁରା ବେପାରୀ ହୋଇଥିଲେ:** ଆବଶ୍ୟକ ସାମଗ୍ରୀ ସବୁ ଦୋକାନ ଦୁଆରେ ବା ପ୍ରବେଶ ଦ୍ୱାରରେ ଦିଅନ୍ତୁ | ଗ୍ରାହକ ମାନଙ୍କୁ ସଉଦା ଚିଠା ନେଇ (ଆଣିବାକୁ କୁହନ୍ତୁ, ଯାହାଦ୍ୱାରା ଜିନିଷ ଶୀଘ୍ର ଓ ସହଜରେ ଦେଇ ହେବ |

**ବିକଳ୍ପ ୨: ବଡ ବେପାରୀ ମାନେ:** ଦୋକାନ ଭିତରକୁ ଯାଉଥିବା ସବୁ ଲୋକଙ୍କୁ ହାତ ଧୋଇ ଯିବା ପାଇଁ କୁହନ୍ତୁ | ଯଦି ସମ୍ଭବ, ପ୍ରବେଶ ଦ୍ୱାର ରେ ଏକ ହାତ ଧୋଇବା ପାତ୍ର ରଖନ୍ତୁ ଓ ହାତ ପୋଛିବା ପାଇଁ ହାତ ପୋଛା ରୁମାଲ ଦିଅନ୍ତୁ ଏବଂ ବ୍ୟବହୃତ ରୁମାଲ ଗୁଡିକୁ ଏକ ଡସ୍ଟବିନ (ଆବର୍ଜନା କୁଣ୍ଡ) ରେ ପକାନ୍ତୁ | ଆହୁରି ମଧ୍ୟ ଏକ ହାତଧୁଆ ସାନିଟାଇଜର (୬୦ ଶତକଡା ରୁ ଅଧିକ ଆଲ୍କୋହୋଲ ଥିବା) ଦୋକାନ ର ମୁଖ୍ୟ ଦ୍ୱାର ପାଖରେ ରଖି ପାରିବେ | ସମ୍ଭବପର ହେଲେ, ଦୋକାନ ଘରର କବାଟ ଖୋଲା ରଖନ୍ତୁ, ଏହାଦ୍ୱାରା ଗ୍ରାହକ ମାନଙ୍କୁ କବାଟ ଛୁଇଁବାକୁ ପଡିବନି | ପବନ ଚଳାଚଳ ପାଇଁ ଝରକା ଗୁଡିକ ଖୋଲା ରଖନ୍ତୁ | ଏକ ସମୟରେ କମ ଲୋକଙ୍କୁ ଦୋକାନ ଭିତରକୁ ଛାଡନ୍ତୁ ଏବଂ ସେମାନଙ୍କୁ ୧-୨ ମିଟର ବ୍ୟବଧାନ ରଖିବାକୁ କୁହନ୍ତୁ |

**ବିକଳ୍ପ ୩: ପାଇକାରୀ ବେପାରୀ ମାନେ:** ସାଧାରଣତଃ ବଡ ବଜାର ମାନଙ୍କ ପ୍ରାଙ୍ଗଣ ଛୋଟ ଥାଏ, ଯେଉଁଠି ଭୂତାଣୁ

ର ସଂକ୍ରମଣ ସହଜରେ ହୋଇ ପାରିବ | ତଥାପି, ଯଥାସମ୍ଭବ ଜିନିଷ ଆଣିବା ବେଳେ ୧-୨ ମିଟର ର ସାମାଜିକ ଦୂରତା ବଜାୟ ରଖନ୍ତୁ | ସବୁବେଳେ ଦୋକାନ ଚାରିପାଖକୁ ଆବର୍ଜନା ରୁ ଦୂରେଇ ରଖନ୍ତୁ ଓ ସଫା ରଖନ୍ତୁ | ଆବର୍ଜନା ସବୁ ଏଣେତେଣେ ନ ଫୋପାଡି ଏକ ଆବଦ୍ଧ ଜାଗାରେ ପକାନ୍ତୁ ଓ ପରେ ପୋଡି ଦିଅନ୍ତୁ ବା ପୋତିଦିଅନ୍ତୁ |



## ଧାଡି ବ୍ୟବସ୍ଥା:

ଏଥିପାଇଁ ଗ୍ରାହକ ମାନଙ୍କୁ କିଛି ସମୟ ଧାଡିରେ ଅପେକ୍ଷା କରିବାକୁ ପଡିପାରେ | ସେମାନଙ୍କୁ ସାମାଜିକ ଦୂରତା ରଖି ଧାଡିରେ ଛିଡା ହେବାକୁ ଅନୁରୋଧ କରନ୍ତୁ | ଲୋକ ମାନଙ୍କ ଶୃଙ୍ଖଳା ପାଇଁ ଦୋକାନ ବାହାରେ  ୧ ରୁ ୨ ମିଟର ବ୍ୟବଧାନ ରଖି ଛୋଟ ଛୋଟ ଗୋଲ ଚିହ୍ନମାନ କରନ୍ତୁ |



ଦିନ ଶେଷରେ, ଦୋକାନର ସବୁ କାଉଣ୍ଟର ଓ ଚଟାଣ ମାନକୁ ସାବୁନ ପାଣିରେ ସଫା କରନ୍ତୁ | ବିଶେଷତଃ ଲୋକମାନେ ବାରମ୍ବାର ଧରୁଥିବା କବାଟର ହ୍ୟାଣ୍ଡେଲ (କୁମୁଡା), ନଳକୂପ ହ୍ୟାଣ୍ଡେଲ , ଚାବି ଇତ୍ୟାଦି କୁ  ସାବୁନ ବା ସର୍ଫ ପାଣିରେ ଭଲସେ ଧୁଅନ୍ତୁ | ମୁହଁ ଧୋଉଥିବା ଜାଗା ଓ ପାଇଖାନା କୁ କୀଟାଣୁ ନାଶକ ବା ସାବୁନ ପାଣିରେ ନିୟମିତ ଧୋଇ ସଫା କରନ୍ତୁ |

ଦ୍ୟନନ୍ଦିନ ବ୍ୟବହାର କରୁଥିବା ଟୋପି, ମାସ୍କ ଓ ପୋଷାକ ପରିଛଦ କୁ ଅଲଗା ଭାବେ ଲୁଗାଧୁଆ ଗୁଣ୍ଡ ରେ ସଫା କରନ୍ତୁ | ଦୋକାନ ର ଶ୍ରମିକ ମାନେ ଯେମିତି ସବୁଦିନ ସଫା ଲୁଗା ପିନ୍ଧନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତୁ | ଥରେ ବ୍ୟବହାର କରିହେଉଥିବା ଟୋପି, ମାସ୍କ, ଗ୍ଲୋବ୍ସ ଆଦି ଜିନିଷ କୁ ବ୍ଲିଚିଂ ପାଉଡର ରେ ବିଶୋଧନ କରି ସ୍ୱତନ୍ତ୍ର ଜାଗାରେ ସୁରକ୍ଷିତ ପୋତି ଦିଅନ୍ତୁ ବା ପୋଡିଦିଆନ୍ତୁ, ଯେମିତି ବାହାରକୁ ଏସବୁ ନଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ |



## ଟଙ୍କା ନେଣଦେଣ:

ଯେହେତୁ ଦୋକାନ ରେ ବାରମ୍ବାର ଖୁଚୁରା ବା କାଗଜ ନୋଟ ର ଟଙ୍କା ହାତକୁ ହାତ ଦେବା ନେବା ହେବାଦ୍ୱାରା ଭୂତାଣୁ ସଂକ୍ରମଣ ର ସମ୍ଭାବନା ବେଶି ଥାଏ, ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ | ସେଥିପାଇଁ ବାରମ୍ବାର ସାବୁନ ରେ ହାତ ଧୁଅନ୍ତୁ ବା ହାତ ପିନ୍ଧା ଗ୍ଲୋବ୍ସ ପିନ୍ଧନ୍ତୁ | ଧ୍ୟାନ ରଖନ୍ତୁ ଯେମିତି ଗ୍ଲୋବ୍ସ ପିନ୍ଧି ଆପଣ ଅନ୍ୟ କୌଣସି ଚଟାଣ ବା ଜିନିଷ କୁ ନ ଛୁଅନ୍ତି | କାଗଜ ନୋଟ ଓ ଖୁଚୁରା ମୁଦ୍ରା ସବୁ ଅଲଗା ଅଲଗା ବାକ୍ସ ରେ ରଖନ୍ତୁ ଏବଂ ଏହି ବାକ୍ସକୁ  ପ୍ରତିଦିନ ସାବୁନ ପାଣି ରେ ଧୁଅନ୍ତୁ | ଯଦି ସମ୍ଭବ ହୁଏ, ଜଣେ ଲୋକ କୁ କେବଳ ଟଙ୍କା କାରବାର ପାଇଁ ରଖନ୍ତୁ ଓ ତାକୁ ଦୋକାନ ର ଅନ୍ୟ କୌଣସି ଜିନିଷ ନ ଛୁଇଁବାକୁ କୁହନ୍ତୁ | ଗ୍ରାହକ ମାନଙ୍କୁ ଅନଲାଇନ ଟଙ୍କା ଦେବା ନେବା କରିବାକୁ ଉତ୍ସାହିତ କରନ୍ତୁ |

## ଗୃହ ଯୋଗାଣ:

ଆବଶ୍ୟକ ଜିନିଷ ସବୁ ଏକ ବାକ୍ସ ବା ଥଳି ରେ ନିଅନ୍ତୁ ଓ ଗ୍ରାହକଙ୍କ ଘର ଭିତରକୁ ନଯାଇ ବାହାରେ ରଖି ଦିଅନ୍ତୁ | ସେଠାରୁ ଜିନିଷ ନେବାକୁ ଗ୍ରାହକଙ୍କୁ ଅନୁରୋଧ କରନ୍ତୁ | ସାମଗ୍ରୀ ଦେବା ପରେ ଏକ ସ୍ୱତନ୍ତ୍ରବ୍ୟାଗ ବା ଥଳି ରେ ଟଙ୍କା ସଂଗ୍ରହ କରନ୍ତୁ ଯାହାଦ୍ୱାରା ଆପଣ ନିଜକୁ ତାଙ୍କ ସଂସ୍ପର୍ଶ ରେ ଆସିବାରୁ ବଞ୍ଚାଇ ପାରିବେ ଏବଂ ପରେ ଟଙ୍କା ହିସାବ କରି ସଙ୍ଗେ ସଙ୍ଗେ ହାତ ଧୋଇନିଅନ୍ତୁ |






# ସୂଚନାର ସାରାଂଶ

## ବେପାରୀ ମାନଙ୍କ ପାଇଁ ନିର୍ଦ୍ଧାରିତ ସୂଚନାବଳୀ (ଜାରି ନିୟମାବଳୀ)

- ବାରମ୍ବାର ହାତ ଧୁଅନ୍ତୁ
- ମୁହଁକୁ ନ ଛୁଇଁବାକୁ ଚେଷ୍ଟା କରନ୍ତୁ।
- ସବୁବେଳେ ମାସ୍କ ପିନ୍ଧନ୍ତୁ
- ସାବୁନ ପାଣିରେ କାଉଣ୍ଟର ଓ କବାଟ ର ହ୍ୟାଣ୍ଡେଲ, ଝରକା ତଥା ଅନ୍ୟ ଚଟାଣ ସବୁ କୁ ନିୟମିତ ଭାବରେ ଧୁଅନ୍ତୁ
- ଅସୁସ୍ଥ ଥିଲେ କାମକୁ ଯାଆନ୍ତୁ ନାହିଁ
- ଘରେ ପହଞ୍ଚିବା ମାତ୍ରେ ସାବୁନ ରେ ଭଲ ଭାବେ ଗାଧାନ୍ତୁ ଓ ପରିଷ୍କାର ହୁଅନ୍ତୁ
- ପିନ୍ଧିଥିବା ପୋଷାକ ସବୁ ଅଲଗା ଭାବେ ସଫା କରନ୍ତୁ




## ବିକ୍ରୟ ନିମନ୍ତେ ଦ୍ରବ୍ୟ କିଣିବା ଓ ବିତରଣ ଗ୍ରହଣ କରିବା

- ଯଥାସମ୍ଭବ ସଉଦା ସବୁ ଦୋକାନ ବାହାରେ ସଂଗ୍ରହ କରନ୍ତୁ
- ପେଟି, ବାକ୍ସ ଓ  ବ୍ୟାଗ ଗୁଡିକୁ ସାବୁନ ପାଣି ରେ ପୋଛନ୍ତୁ
- ବାକ୍ସଗୁଡିକୁ ଖୋଲି ଜିନିଷ କାଢିଦିଅନ୍ତୁ।
- କେବଳ ଜିନିଷଗୁଡିକୁ ଭିତରକୁ ନେଇଯାଆନ୍ତୁ।

## ଗୋଦାମ ଘର

- ଚାଉଳ, ଡାଲି କିମ୍ବା ଅନ୍ୟ ଖୋଲା ସାମଗ୍ରୀ କୁ ଆବଦ୍ଧ ପାତ୍ରରେ ରଖନ୍ତୁ
- ଏହି ପାତ୍ର ଗୁଡିକୁ ଭଲସେ ପୋଛି ସଫା କରନ୍ତୁ
- ଫଳ ଓ ପନିପରିବା ସବୁ ବାହାରେ ଖୋଲା ରଖିପାରନ୍ତି

## ସାମଗ୍ରୀ ବିକ୍ରି କରିବା

- ଖୁଚୁରା ବେପାରୀ (ଛୋଟ ଦୋକାନ): ଆବଶ୍ୟକ ସାମଗ୍ରୀ ସବୁ ଦୋକାନ ଦୁଆରେ ବା ପ୍ରବେଶ ଦ୍ଵାରରେ ଦିଅନ୍ତୁ
- ବଡ ବେପାରୀ (ବଡ଼ ଦୋକାନ): ଗ୍ରାହକ ମାନଙ୍କୁ ହାତ ଧୋଇ ଆସିବାକୁ କୁହନ୍ତୁ ଓ ଏକ ସମୟରେ କମ ଲୋକଙ୍କୁ ଦୋକାନ ଭିତରକୁ ଛାଡନ୍ତୁ
- ପାଇକାରୀ ବେପାରୀ ମାନେ ଗ୍ରାହକ ମାନଙ୍କୁ ନିଜ ଭିତରେ ୧ ରୁ ୨ ମିଟର ବ୍ୟବଧାନ ରଖି  ଧାଡିରେ ଆସି  ଜିନିଷ ନେବାକୁ କୁହନ୍ତୁ
- ଲୋକ ମାନଙ୍କ ଶୃଙ୍ଖଳା ପାଇଁ ଦୋକାନ ବାହାରେ  ୧ ରୁ ୨ ମିଟର ବ୍ୟବଧାନ ରଖି  ଛୋଟ-ଛୋଟ ଗୋଲ ଚିହ୍ନମାନ କରନ୍ତୁ

## ଅର୍ଥ ପୈଠ

- କାଗଜ ନୋଟ ଓ ଖୁଚୁରା ମୁଦ୍ରା ସବୁ ଅଲଗା ଅଲଗା ବାକ୍ସ ରେ ରଖନ୍ତୁ ଏବଂ ଏହାକୁ ପ୍ରତିଦିନ ସାବୁନ ପାଣି ରେ ଧୁଅନ୍ତୁ
- ପ୍ରତି ଥର ଟଙ୍କା କାରବାର (ବିନିମୟ) ପରେ ହାତକୁ ଭଲ ଭାବେ ସାବୁନ ରେ ସଫା କରନ୍ତୁ
- ଯଦି ସମ୍ଭବ ହୁଏ, ଜଣେ ଲୋକକୁ କେବଳ ଟଙ୍କା କାରବାର ପାଇଁ ରଖନ୍ତୁ ଓ ଗ୍ରାହକ ମାନଙ୍କୁ ଅନଲାଇନ ଟଙ୍କା ଦେବା ନେବା କରିବାକୁ ଉତ୍ସାହିତ କରନ୍ତୁ

## ଗୃହ ଯୋଗାଣ

- ଯଥାସମ୍ଭବ ଗ୍ରାହକଙ୍କ ଘର ଭିତରକୁ ନଯାଇ ବାହାରେ ସାମଗ୍ରୀ ରଖି ଦିଅନ୍ତୁ ଓ ନେବାକୁ କୁହନ୍ତୁ
- ସାମଗ୍ରୀ ଦେବା ପରେ ଏକ ସ୍ଵତନ୍ତ୍ର ବ୍ୟାଗ ବା ଥଳି ରେ ଟଙ୍କା ସଂଗ୍ରହ କରନ୍ତୁ
- ଯଦି ଟଙ୍କା ହାତକୁ ହାତ ଦିଅନ୍ତି ତେବେ ସଙ୍ଗେ ସଙ୍ଗେ ହାତ ଧୁଅନ୍ତୁ

Image credits:
Storyweaver, Nivong Sengsakoun, Lavanya Naidu, Shambhavi Singh, AP News, Freepik, Rabin